Chapter- 7

# ଆସ ବୁଲିଯିବା ଭଟ୍ଟାରିକା

## STUDY NOTES

୧. ଗପରୁ କୁହ ।

କ) ଆଠଗଡ଼ ପାଖରେ କେଉଁ ମନ୍ଦିର ଅଛି ?

ଉ: ଆଠଗଡ଼ ପାଖରେ ଭଟ୍ଟାରିକା ଠାକୁରାଣୀଙ୍କର ମନ୍ଦିର ଅଛି ।

ଖ) ଗାଡ଼ିଟି କାହିଁକି ଗାଁ ଦାଣ୍ଡରେ ମନ୍ଥର ଗତିରେ ଯାଉଥିବ ?

ଉ: ଗାଁର ରାସ୍ତା ଅଣ ଓସାରିଆ ଓ ଜନଗହଳି ଯୋଗୁଁ ଗାଡ଼ିଟି ଗାଁ ଦାଣ୍ଡରେ ମନ୍ଥର ଗତିରେ ଯାଉଥିବ ।

ଗ) ଜେଜେଙ୍କ ପାଖରେ ବସିବା ପାଇଁ ପିଲାମାନେ ଜିଦ୍ କଲେ କାହିଁକି ?

ଉ: ଜେଜେଙ୍କଠାରୁ ଗପ ଶୁଣିବା ଲାଗି ପିଲାମାନେ ଜେଜେଙ୍କ ପାଖରେ ବସିବା ପାଇଁ ଜିଦ୍ କଲେ ।

ଘ) ଗାଡ଼ିରୁ ଓହ୍ଲାଇବା ପରେ ପିଲାମାନେ କ'ଣ କରିଥିବେ ?

ଉ: ଗାଡ଼ିରୁ ଓହ୍ଲାଇବା ପରେ ପିଲାମାନେ ଜେଜେଙ୍କ ସହିତ ଆନନ୍ଦ ମନରେ ଭଟ୍ଟାରିକା ବୁଲିଥିବେ ।

୨. ପାଠ ମଧ୍ୟରେ ଥିବା 'ଟ୍ଟ', 'ନ୍ତ', 'ନ୍ଥ' ବ୍ୟବହୃତ ଶବ୍ଦଗୁଡ଼ିକୁ ବାଛି ପଢ଼ ଓ ଲେଖ ।

| | | | | | | |
|---|---|---|---|---|---|---|
| ଟ୍ଟ | - | ଭଟ୍ଟାରିକା | ଅଟ୍ଟାଳିକା | ଥଟ୍ଟାତାମସା | ........ | ........ |
| ନ୍ତ | - | ଦୁଷ୍ମନ୍ତ | ଶାନ୍ତି | କିନ୍ତୁ | ବାନ୍ତି | ପଦ୍ୟାନ୍ତ |
| ନ୍ଥ | - | ଗ୍ରନ୍ଥ | କାନ୍ଥଘଣ୍ଟା | ମନ୍ଥର | ........ | ........ |

୩. ତଳେ ଦିଆଯାଇଥିବା ଅକ୍ଷରଗୁଡ଼ିକ ସହ 'ନ୍ଥ' ଯୁକ୍ତାକ୍ଷର ଲଗାଇ ନୂଆଶବ୍ଦ ଲେଖ ।

କାନ୍ଥ ପାନ୍ଥ ସନ୍ଥ ମନ୍ଥ

୪. ବାହାର ଅକ୍ଷର ସହିତ ନଳ ଭିତରେ 'ନ୍ତ' ଅକ୍ଷରକୁ ମିଶାଇ ଶବ୍ଦ ଗଢ଼ ।



୫. ସଜାଡ଼ି ଲେଖ ।

କାଳିଅଟ୍ଟା - ଅଟ୍ଟାଳିକା

ଜୁରଟ୍ଟାଭଆ - ଜୁଆରଭଟ୍ଟା

ଟ୍ଟାରିକାଭ - ଭଟ୍ଟାରିକା

ହାଟ୍ଟଅସ୍ୟ - ଅଟ୍ଟହାସ୍ୟ

ପଶିଟ୍ଟଷ୍ୟ - ପଟ୍ଟଶିଷ୍ୟ

୬. ଖାଲି ଘରେ 'ନ୍ତ' ଲଗାଇ ଠିକ୍ ଭାବରେ ପଢ଼ ।

ବସ**ନ୍ତ**, ହେମ**ନ୍ତ**, ବ**ନ୍ତ**ଳ, ଅନ**ନ୍ତ**, ଅତ୍ୟ**ନ୍ତ**, ନିତା**ନ୍ତ**, ଆଭ୍ୟ**ନ୍ତ**ର, ଜୀବ**ନ୍ତ**

୭. ଦିଆଯାଇଥିବା ଶବ୍ଦଗୁଡ଼ିକୁ ପଢ଼ । ଯେଉଁ ଚିତ୍ରର ନାମ ଯାହା ସେହି ଚିତ୍ର ତଳେ ସେହି ନାମ ଲେଖ ।

(ପେନ୍ଥା, ଅଟ୍ଟାଳିକା, ମନ୍ଥା, ଯନ୍ତା, କାନ୍ଥ, ଦାନ୍ତ, ଗ୍ରନ୍ଥ, ତନ୍ତ, ବୃନ୍ତ)



ମନ୍ଥା



ଯନ୍ତା



ପେନ୍ଥା



କାନ୍ଥ



ଅଟ୍ଟାଳିକା



ଗ୍ରନ୍ଥ



ବୃନ୍ତ



ତନ୍ତ



ଦାନ୍ତ

୮. ଗୋଟିଏ ବାକ୍ୟରେ ଲେଖ ।

କ) ଦୁଷ୍ମନ୍ତବାବୁ କୁଆଡ଼େ ବୁଲିଯିବାକୁ ଯୋଜନା କରିଥିଲେ ?

ଉ: ଦୁଷ୍ମନ୍ତବାବୁ ଭଟ୍ଟାରିକା ବୁଲିଯିବା ପାଇଁ ଯୋଜନା କରିଥିଲେ ।

ଖ) ଅଟ୍ଟାଳିକା ଆଗରେ ଗାଡ଼ି କେତେବେଳେ ପହଞ୍ଚିଲା ?

ଉ: ଦିନ ଚାରିଟା ସମୟରେ ଅଟ୍ଟାଳିକା ଆଗରେ ଗାଡ଼ି ପହଞ୍ଚିଲା ।

ଗ) ଗାଁ ଦାଣ୍ଡରେ ଗାଡ଼ିଟି କେମିତି ଯାଉଥିଲା ?

ଉ: ଗାଁ ଦାଣ୍ଡରେ ଗାଡ଼ିଟି ମନ୍ଥର ଗତିରେ ଯାଉଥିଲା ।

୯. ତୁମେ ପ୍ରତିଦିନ କ'ଣ କ'ଣ ଖାଅ ଲେଖ ।

ଉ: ଆମେ ପ୍ରତିଦିନ ଭାତ, ଡାଲି, ତରକାରୀ, ରୁଟି, ସନ୍ତୁଳା, ମାଛ, କ୍ଷୀର, ଫଳ, ଚୁଡ଼ା, ମୁଢି ଆଦି ଖାଦ୍ୟ ଖାଉ ।

୧୦. ନ ଖାଇଲେ କ'ଣ ହେବ ଲେଖ ।

ଉ: କ) ନ ଖାଇଲେ ଆମେ ଦୁର୍ବଳ ହୋଇଯିବୁ ।

ଖ) ଚାଲିବୁଲି ପାରିବୁ ନାହିଁ ।

ଗ) କାମ କରିବା ପାଇଁ ଶକ୍ତି ଆସିବ ନାହିଁ ।

ଘ) ବିଭିନ୍ନ ପ୍ରକାରର ରୋଗରେ ଆକ୍ରାନ୍ତ ହେବୁ ।

ODM EDUCATIONAL GROUP Changing your Tomorrow

୧୧. ତୁମେ ଖାଉଥିବା କଞ୍ଚା ଓ ପାଚିଲା ଫଳର ନାମ ଲେଖ ।

ଉ: ଆମ୍ବ, ଅଙ୍ଗୁର, କମଳା, ସପେଟା, ସପୁରୀ, ପଣସ, କଦଳୀ, ଡାଳିମ୍ବ

୧୨. ଖାଲିଘର ପୂରଣ କର ।

| | |
|---|---|
| ଗରମ ଗରମ ଭାତ | ଗରମ ଗରମ ଡାଲି |
| ଗରମ ଗରମ ବରା | ଗରମ ଗରମ ରୁଟି |
| ଗରମ ଗରମ ଖିରି | ଗରମ ଗରମ ପିଆଜି |
| ଗରମ ଗରମ ପୁରି | ଗରମ ଗରମ ପକୁଡ଼ି |

♦♦♦